ଶତଶୃଙ୍ଗ ପର୍ବତର ବର୍ଣ୍ଣନା
କାଳଅଗ୍ନି ନାଥ ପୂଜିଣ କୁରୁନାଥେ
ବିଜେ ସୋମବଂଶୀ ମଳୟ ବସନ୍ତ ପର୍ବତେ । ୧ ।
ଶତଶିଂଗ ନାମେଣ ଦେଖିଲେ ଯେବଣ ଗିରି
ଶୁଦ୍ଧ ସୁବର୍ଣ୍ଣ ଘଟଣ ଯୋଜନ ଶତେ ଚାରି । ୨ । ସଂ
ତହିଂ ଉପରେ ଯେ ଅଛଇ ରସ କୂପ
ଅଷ୍ଟ ଲୋହ ପକାଇଲେ ବିବିଧ ରତ୍ନ ରୂପ । ୩ ।
ବୃକ୍ଷ ଶ୍ୱେତ ବର୍ଣ୍ଣ ପତ୍ରେ ଧବଳ ବର୍ଣ୍ଣ
ପୁଷ୍ପ କନକ ବର୍ଣ୍ଣ ଉଦୟେ ଯେହ୍ନେ ଜହ୍ନ । ୪ ।
ବେନି ଶତ ଯୋଜନ ଉସ୍ର୍ଗ ଚାରି ଶତ ଯୋଜନ ପୋତା ଉସ୍ର୍ଗ=ଉର୍ଦ୍ଧ୍ୱ, ଉପରକୁ
ତହିଂର ଉପରେ ଯେ ଯାଗ କଲେ ଦକ୍ଷ ଧାତା । ୫ ।
ସେ ପର୍ବତେ ବାଟ ଅଛି ପାତାଳ ଭୁବନକୁ
ଈଶାନ ଶିଖେ ଉଠିଲେ ଯାଇ ଆକାଶ ଭୁବନକୁ । ୬ ।
ଜମ୍ବୁ ଦୀପର ଯେ ମଧ୍ୟ ସ୍ଥାନ ଯେ ଅଟଇ
ପଞ୍ଚତିରିଶ ଧାରା ଗଙ୍ଗା ସେ ପର୍ବତେ ଫୁଟଇ । ୭ । 35 branches of Ganga
ତହୁଂ ସେ ଉତପତ୍ତି ହୋଇଛନ୍ତି ସର୍ବ ନଦୀ
ମେରୁ ଆବୃତ ହୋଇ ସଙ୍ଗମ ମଉଦଧି । ୮ ।
ଶତେକ ଶିଂଗ ଅଛଇ ସେ ପର୍ବତ ଉପରେ
ସୁବର୍ଣ୍ଣର ଶିଂଗ ବସଇ ସେ ଈଶାନ୍ୟା ଦିଗରେ । ୯ ।
ବଇଡୁର୍ଯ୍ୟ ଶିଂଗ ବସଇ ଦକ୍ଷିଣ ଭାଗ କତି କତି Jajpuri
ହୀରା ଶିଂଗ ବସଇ ପଶ୍ଚିମ ମୂରତି । ୧୦ ।
ମାଣିକ୍ୟର ଜ୍ୟୋତି ଶିଂଗ ଉତ୍ତରେ ବସଇ
ମରକତ ଶିଂଗ ବାୟବ୍ୟ କୋଣେ ପ୍ରକାଶଇ । ୧୧ ।
----------
୧ କାଳ ଅଗ୍ନି ନାଥ ପୂଜିଣ କୁରୁନାହା
ବିଜୟେ ସୋମବଂଶୀ ମଳୟବସନ୍ତ ବନେ ଗିରିଗୁହା ।
୧୦।୨ ରୂପାର ଶିଂଗ ବସଇ ପଶ୍ଚିମ ମୂରତି
ଶତଶୃଙ୍ଗ-ଶତଶିଂଗ । ୩।୨ ଅଷ୍ଟଲୋହ-ଧାତୁ ୪।୨ ଜହ୍ନ-ଜ୍ୟୋସ୍ନା । (ପ୍ରାକୃତ)

ନୀଳା ଶିଂଗ ବସଇ ନଇରତ କୋଣେ
ଅଷ୍ଟ ରତ୍ନ ଶିଂଗ ଅଛଇ ଅଗ୍ନି କୋଣେ । ୧୨ ।
ୟେକ ୟେକ ଶିଂଗ ଯେ ଦ୍ୱାଦଶ ଯୋଜନ ସ୍ଥଳୀ ସ୍ଥଳୀ=ୱେରିଆ
ଶତେ ଯୋଜନ ଉସ୍ର୍ଗ ପାଞ୍ଚ ଯୋଜନ ଅଗୁଳି । ୧୩ । height of peaks ଅଗୁଳି=ଓସାର
ଈଶାନ୍ୟ କୋଣେଣ ବସଇ ଦିବାକର
ନୈରତ କୋଣେ ବସଇ ଶଶଧର । ୧୪ ।
ମେଘେ ବିଶ୍ରାମ କରନ୍ତି ବାୟବ୍ୟର କୋଣେ
ଅଗ୍ନିକୋଣେ ବିଶ୍ରାମ କରନ୍ତି ଦେବ ନାରାୟଣେ । ୧୫ ।
ଈଶାନ୍ୟ ଶିଂଗ କୋଣେ ଯେ ଆକାଶକୁ ପନ୍ଥ
ବାୟବ୍ୟ ଶିଂଗ କୋଣେ ବସନ୍ତି ବିଶ୍ୱନାଥ । ୧୬ ।
ମେରୁର ଅନୁଜ ଯେ ଶତଶିଂଗ ଗିରି
ଶ୍ରୀରାମଚନ୍ଦ୍ରଙ୍କ କାର୍ଯ୍ୟେ ତ୍ରେତୟା ଯୁଗେ ହନୁମନ୍ତ ନେଲା ଯେ ଉପାଡି । ୧୭ ।
ସୁସଞ୍ଜ ପର୍ବତ ବୋଲି ଶ୍ରୀରାମ ଦୟା କଲେ
ଅଙ୍ଗଦକୁ କହି ତାକୁ ଲୁଚାଇ ଥୋଇଲେ । ୧୮ ।
ସ୍ୱାମୀଙ୍କର ଆଗ୍ୟାଂ ୟେ ତାହା ଅଙ୍ଗଦ ଫିଙ୍ଗି ଦିଲା

ଜମ୍ବୋଦୀପ ମଧ୍ୟ ସ୍ଥାନେ ଯାଇଣ ପଡିଲା । ୧୯ ।
ଆଦି ଈଶାନ୍ୟେ ଯେ ଶତଶିଂଗ ଗିରି
ଅଳକା ଭୁବନକୁ ଅଗୁଳି ଗୁଣ ଚାରି । ୨୦ ।
ସେ ପର୍ବତ ଉପରେ ରହିଛନ୍ତି ପଣ୍ଡୁରାୟେ
ସପତ ଦୀପ ଦିଶଇ ତହିଂ ଥାଇଂ କଲେ ୟେକ ଲୟେ । ୨୧ ।
ସେବା କଲେ ପରସନ୍ନ ହୋଅଇ ପରବତ
ସେ ପର୍ବତେ ଜନମ ହୋଇଲେ ହୋଅନ୍ତି ଶୂରବନ୍ତ ବଳବନ୍ତ । ୨୨ ।
ଧୃତରାଷ୍ଟ ବିଜେ କଲେ ଶତଶିଂଗ ପର୍ବତେ
ପଣ୍ଡୁ ଦ୍ରଶନ କଲେ କୁରୁନାଥର ଅଗ୍ରତେ । ୨୩ ।
କରେଣ ଧାମଣା କାଠର ଧନୁ କଣ୍ଡା ବାୟେଂଶର ଗୁଣ bamboo wood weapons
ମଜୁର ପକ୍ଷୀ ଆଭରଣ ଫିରିକି ନାରାଜ ତ୍ରୋଣ । ୨୪ ।
-----------
୧୩ ।୨ ଉସ୍ରର୍ଗ-ଉନ୍ନତ, ଉଚ୍ଚ । ଅଗୁଳି-ଓସାର, ପ୍ରସ୍ଥ
୨୩ ।୧ ଦ୍ରଶନ-ଦର୍ଶନ ୨୪ ।୨ ମଜୁର-ମୟୂର

କଣ୍ଠେଣ ଗୁଞ୍ଜରା ମାଳୀ ଲୋହିତ ବର୍ଣ୍ଣ ଆଖି
ବିଜେ କର୍ଣ୍ଣ କଟାରି ମେଖଳା ଝିଙ୍କ ପକ୍ଷୀ । ୨୫ ।
ବେଣ୍ଟକାର ସରୂପେ ବିଜୟେ ପଣ୍ଡୁରାୟେ
ଧୃତରାଷ୍ଟ ଅଗ୍ରତେ କହିଲେ ସଂଜୟେ । ୨୬ ।
ପଣ୍ଡୁ ଦର୍ଶନ କଲେ, ଶୁଣ ଧୃତରାଷ୍ଟେ
ଅନେକ ମଧୁର ବଚନ କହନ୍ତି ରାୟେ ଜ୍ୟେଷ୍ଟେ । ୨୭ ।
ବାବୁ ପରମ କଲ୍ୟାଣ ହୋଉ ହୋଅ ଚିରିଜୀବୀ ଆଷ୍ୟ
ଧନ ସନ୍ତାନ ବର୍ଦ୍ଧୁତ ହୋଉ ଚାଣ୍ଡେ ହୋଉ ଯଶ । ୨୮ ।
ବାବୁ ଶୁଣିଲି ମୁଂ ବନସ୍ତେ ଆପତ୍ତି ପଡିଲାକ ତୋତେ
ପାରେଶ୍ୱର ନନ୍ଦନ କହିଲେ ହାଦେ ଆସି ମୋତେ । ୨୯ ।
ଅନେକ ବଇକୁଲ୍ୟ ହୋଇଲା ମୋର ଚିତ୍ତେ । ୩୦ ।
କରପତ୍ର ଯେତିଣ ଯେ ପଣ୍ଡୁ ମହାରଥୀ
ସଞ୍ଚପି କହିଲା ହାଦେ ସକଳ ବାରତା । ୩୧ ।
ଭୋ ଭ୍ରାଥ ଅଗ୍ନିକାର ମହାରଷି ଶାପ୍ୟ ଦିଲାକ ମୋତେ
ଶୃଙ୍ଗାର କାଳେ ଅକାଳ କାଣ୍ଡ ପଡୁ ହାଦେ ତୋତେ । ୩୨ ।
ଅନେକ ବଇକୁଲ୍ୟ ହୋଇଲେ ଶୁଣି ଧୃତରାଷ୍ଟ
ଧର୍ମ ଆଶ୍ରେ କଲା ଲୋକଙ୍କୁ ବାବୁ ପଡଇ ସଂକଟ । ୩୩ । good religious people suffer
ରାଜ୍ୟକୁ ଯିବା ଚାଲ ବାବୁ ନ ଥିବା ୟେହୁ ଘୋର ବନେ
ଅନେକ ଆପାଦ ବାବୁ ସେ ଥାଇଟି ଅରଣ୍ୟେ । ୩୪ ।
ବୋଲନ୍ତି ପଣ୍ଡୁ ନୃପତି ଶୁଣ ମହାଗ୍ୟାଂତା
ସ୍ୱାମୀ ତୁମ୍ଭେ କିସ ଜାଣ ୟେ ପର୍ବତ ବାରତା । ୩୫ ।
ସ୍ୱାମି ତୁମ୍ଭେ ବିଜେ କରିଥାଅ ଯେ ହସ୍ତିନା
ସେ ପଞ୍ଚୁ କଟକେ ତୁମ୍ଭେ ଯେ ବଜ୍ରସେହ୍ନା । ୩୬ ।
ଅନେକ ବିନୋୟି ହୋଇ ପଣ୍ଡୁ ଯେ ନୃପତି
ବଡ କୁତୋହଳେ ଫଳ ଯୋଗାଡ ଆଣି ଦିଲେ ଅପ୍ରମିତି । ୩୭ ।
ସନ୍ୟ ସାଗର ଆଦି ଯେତେକ ରାଜାର ତୁଲେ ଥିଲେ
ଆମ୍ବ ପଣସ କଦଳୀ ଦାରାକ୍ଷ ସମସ୍ତେ ଭୁଞ୍ଜିଲେ । ୩୮ ।
ଅନେକ ଯୋଗାଡ ଦିଲେ ପଣ୍ଡୁ ନରପତି
ଭୁଞ୍ଜିଣ ସାତ କ୍ଷଉଣୀ ବଳ ହୋଇଲେ ତ୍ରିପୁତି । ୩୯ ।

ମଣୋହି ସାରିଣ ଯେ ଆଞ୍ଚୋବନ କୟେ
କର୍ପୂର ତାମ୍ବୋଳ ଯେ ଭୁଞ୍ଜିଲେ କୁରୁରାୟେ । ୪୦ ।
ଭୀଷ୍ମ ଭୂରିସର୍ବା ସଂଜୟେ ବିଦୁର
ସମଦଣ୍ଡ ଘେନି ବିଜୟେ ନିଜ ପୁର । ୪୧ ।
ଥୋକାୟେକ ଦୂର ପଣ୍ଡୁ ପାଛୋଟି ଅଇଲେ
ରତିକାମ ବୋଲିଣ ପର୍ବତ ତଳୁ ବାହୁଡ଼ିଲେ । ୪୨ ।
ଚଳନ୍ତି ଧୃତରାଷ୍ଟ ଥାଠ ସେନା ଘେନି
ହସ୍ତିନା ଭୁବନେ ଯାଇ ପ୍ରବେଶ ସଇନି । ୪୩-୧୯୧୧ ।
----------

୨୫ ।୨ ବିଜେ କର୍ଣ୍ଣ କଟାରି ମେଖଳା ଝିଙ୍ଗ ପକ୍ଷୀ । bird feathers as ornaments
୨୭ ।୨ ଅନେକ ସମାର୍ଜନା ସାଧୁତା କରନ୍ତି ରାୟେ ଜ୍ୟେଷ୍ଠେ ।
୩୪ ।୨ ଅନେକ ବିପଦ ବାବୁ ପାଇବୁଟି ଅରଣ୍ୟେ ।
୨୬ ।୧ ବେଷ୍ଟକାର-ବ୍ୟାଧ ୨୮ ।୧ ତ୍ରିଜୀବୀ-ତ୍ରିକାଳଜୀବୀ, ତିରିଜୀବୀ-ଚିରଂଜୀବୀ
୩୦ ।୨ ବଇକୁଲ୍ୟ-ବିକଳ ଭାବ । ୩୪ ।୨ ଆପାଦ-ଆପଦ
୩୭ ।୨ ବଛା ଦୁହାଳି ଯୋଗାଡ ପଣ୍ଡୁ ଦିଲେ ଅପ୍ରମିତି ।
୩୮ ସନ୍ୟ ସାଗର ଆଦି ଯେତେକ ବଳ ଥିଲା
ଆମ୍ବ ପଣସ ନଟୀକାଳ ସବୁକୁହିଂ ଅଛିଲା ।
୪୦ ।୧ ଆଞ୍ଚୋବନ-ଆଚମନ-ମୁଖଧୌତ, କୟେ-କଲେ